# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 September – 2026

***********************************

## ମୁଖ୍ୟ ସମ୍ବାଦ

- ଗାଡ଼ି ଚାଳକଙ୍କୁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଓ ବୀମା ଦସ୍ତାବିଜ ରଖିବାକୁ ପରିବହନ ବିଭାଗର ପରାମର୍ଶ

- କଟକ ଇଣ୍ଡୋର ଷ୍ଟାଡିୟମ୍‌ରେ ଜାରି ରହିଛି ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

- ସୁଷମ ଓ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ ରାଷ୍ଟ୍ରୀୟ ପୋଷଣ ମାସ

ଏବଂ

- ଭୁବନେଶ୍ୱରରେ ଆଜି ଉଦ୍‌ଯାପିତ ହେଉଛି ପୂର୍ବାଞ୍ଚଳ ଆନ୍ତଃ ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

BBSR/R

# ଇ-ଡିଟେକସନ

ରାଜ୍ୟରେ ଚଳିତ ମାସ ପହିଲାରୁ ଇ-ଡିଟେକସନ୍ ବ୍ୟବସ୍ଥା ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି। ସମସ୍ତ ଚାଳକଙ୍କୁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର- ପିୟୁସିସି ଓ ବୀମା ଦସ୍ତାବିଜ୍ ରଖିବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବୈଧ ବୀମା ପରିବର୍ତ୍ତେ ସର୍ବସାଧାରଣ ରାସ୍ତାରେ ଗାଡ଼ି ଚଳାଇଲେ ଇଲେକଟ୍ରୋନିକ ପଦ୍ଧତିରେ ଚିହ୍ନଟ କରାଯାଇ ଇ-ଚାଲାଣ କଟାଯିବ ବୋଲି ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ମୋଟର ଯାନ ନିୟାମବଳୀ ୧୯୮୯ର ଅଧିନିୟମ ୧୬୭ ଅନୁଯାୟୀ ନିର୍ଦ୍ଧାରିତ ବୈଧାନିକ ସମୟସୀମା ପରେ ଚାଲାଣ ବକେୟା ଥିବା ଗାଡ଼ିଗୁଡ଼ିକର କୌଣସି ଆରଟିଓ କାର୍ଯ୍ୟ କିମ୍ବା କାରବାର ହୋଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ପ୍ରଯୁକ୍ତିବିଦ୍ୟାର ପ୍ରବର୍ତ୍ତନ, ଟ୍ରାଫିକ ଶୃଙ୍ଖଳା ସୁନିଶ୍ଚିତ କରିବା, ପରିବେଶ ସମ୍ବନ୍ଧୀୟ ନିୟମ କଡ଼ାକଡ଼ି, ତୃତୀୟ ପକ୍ଷର ସୁରକ୍ଷା ଏବଂ ସଡ଼କ ସୁରକ୍ଷାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଲାଗୁ କରାଯାଇଛି।

Desk

# ବିଜେପି କାର୍ଯ୍ୟକାରିଣୀ ବୈଠକ

କଟକସ୍ଥିତ ଇଣ୍ଡୋର ଷ୍ଟାଡିୟମ୍‌ରେ ଭାରତୀୟ ଜନତା ପାର୍ଟିର ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଜାରି ରହିଛି। ଏଥିରେ

ସାମ୍ପ୍ରତିକ, ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯାଇଛି। ବୈଠକରେ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହ–ପ୍ରଭାରୀ ଲତା ଉଷେଣ୍ଡୀ, ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟମାନେ ଯୋଗ ଦେଇଛନ୍ତି। ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବା ନିମନ୍ତେ ତଥା ବିକଶିତ ଓଡ଼ିଶା– ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ତୃଣମୂଳସ୍ତରରେ ଦଳୀୟ କର୍ମକର୍ତ୍ତାଙ୍କ କାର୍ଯ୍ୟ ଓ ସେବା ଆଗକୁ ଜାରି ରହିବା ଉପରେ ମତ ପ୍ରକାଶ ପାଇଛି। ଏହି ବୈଠକ ଆଜି ଉଦ୍‌ଯାପିତ ହେବ।

Desk

# ପଞ୍ଚାୟତ ନିର୍ବାଚନ

ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ୫ ତାରିଖ ସୁଦ୍ଧା ଜନଗଣନା ପ୍ରକ୍ରିୟା ଶେଷ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ସୂଚନାଦେଇ ଶ୍ରୀ ପାଢ଼ୀ କହିଛନ୍ତି ଏହା ପରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ୫ଟି ପର୍ଯ୍ୟାୟରେ ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ପଞ୍ଚାୟତ ନିର୍ବାଚନ

ହେବ ବୋଲି ସେ କହିଛନ୍ତି । ପଞ୍ଚାୟତ ନିର୍ବାଚନ ପରେ ମାସେ ଭିତରେ ପୌର ନିର୍ବାଚନ ଅନୁଷ୍ଠିତ ହେବ । ଅକ୍ଟୋବର ୨୪ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଘରକୁଘର ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେବା ପରେ ଫେବୃୟାରୀ ୧୦ତାରିଖ ସୁଦ୍ଧା ଚୂଡାନ୍ତ ଭୋଟର ତାଲିକା ପ୍ରକାସନ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ଶ୍ରୀ ପାଢ଼ୀ କହିଛନ୍ତି ।

Desk

## ରାଜ୍ୟସ୍ତରୀୟ ଅଂଶୀଦାର ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଶିଶୁ ନ୍ୟାୟ କମିଟି, ଓଡ଼ିଶା ଉଚ୍ଚନ୍ୟାୟାଳୟ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଅଂଶୀଦାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଶିଶୁ ନ୍ୟାୟ ଆଇନ-୨୦୧୫– ଦଶନ୍ଧିର କାର୍ଯ୍ୟକାରିତା ଏବଂ ଆଗାମୀ ପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି।

Desk

# ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ତାଲିକା ପ୍ରକାଶ ପାଇଛି । ଏଥିରେ ରାଜ୍ୟର ୪ଟି ସହର ସ୍ଥାନିତ ହୋଇଛି । ୩ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ବର୍ଗରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସହର ତଥା ବ୍ୟାସନଗରକୁ ପ୍ରଥମ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଏହି ବର୍ଗରେ ଅନୁଗୁଳ ଦ୍ୱିତୀୟ ଏବଂ

ତାଳଚେର ତୃତୀୟ ସ୍ଥାନ ହାସଲ କରିଛି । ୪ଲକ୍ଷରୁ ଅଧିକ ଜନସଂଖ୍ୟା ବର୍ଗରେ ରାଉରକେଲା ପ୍ରଥମ ସ୍ଥାନ ଅଧିକାର କରିଛି । ସ୍ୱଚ୍ଛ ବାୟୁ ଦିବସ ପାଳନ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଏହି ପୁରସ୍କାର ପ୍ରଦାନ କରାଯିବ । ଦେଶର ମୋଟ୍ ୧୩୨ଟି ସହରକୁ ନେଇ ଏଥିପାଇଁ ସର୍ବେକ୍ଷଣ କରାଯାଇଥିଲା ।

Desk

## ରାଷ୍ଟ୍ରୀୟ ପୋଷଣ ମାସ

ସୁସ୍ଥ ଜୀବନ ପାଇଁ ସୁଷମ ଓ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆସନ୍ତା ବୁଧବାରଠାରୁ ଅକ୍ଟୋବର ମାସ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯିବ। ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପୋଷଣ ପ୍ରଦର୍ଶନୀ, ଆଲୋଚନାଚକ୍ର ଓ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ଶିଶୁଙ୍କ ସୁସ୍ଥ ବିକାଶ ଏବଂ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ  ପୋଷଣଯୁକ୍ତ ଖାଦ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିଶୁଙ୍କ ଥାଳିରେ ଖାଦ୍ୟର ବିବିଧତା ବୃଦ୍ଧି ପାଇଲେ ସେମାନଙ୍କ ସୁସ୍ଥ ବିକାଶର ସମ୍ଭାବନା ସେତେ ଦୃଢ଼ ହେବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଗର୍ଭାବସ୍ଥା ଓ ପ୍ରସବ ପରବର୍ତ୍ତୀ ସମୟରେ ମା’ଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ଯଥୋଚିତ ଯତ୍ନ ଏବଂ ସୁସ୍ଥ ଶିଶୁର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ। ମମତା– ପି.ଏମ୍.ଏମ୍.ଭି.ୱାଇ ଯୋଜନା ମାତୃତ୍ୱର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ସହାୟତା ଓ ସଚେତନତା

ସୃଷ୍ଟି କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛି। ପର୍ଯ୍ୟାପ୍ତ ପୋଷଣ ଏବଂ ଶୈଶବର ପ୍ରାରମ୍ଭିକ ଯତ୍ନ ଶିଶୁର ମସ୍ତିଷ୍କ ବିକାଶ, ଶିକ୍ଷା ଓ ବିଦ୍ୟାଳୟ ପାଇଁ ପ୍ରସ୍ତୁତିର ଏକ ଦୃଢ଼ ମୂଳଦୁଆ।

Desk

# ଶ୍ରୀଜୀଉଙ୍କ ବଣଭୋଜି ବେଶ

ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳାର ଆଜି ଦଶମୀ ତିଥି ଅବସରରେ ଠାକୁରଙ୍କର ବଣଭୋଜି ବେଶ ଅନୁଷ୍ଠିତ ହେବ। ଗୋପଲୀଳା ସମୟରେ କୃଷ୍ଣ ଓ ବଳରାମ ଗାଈବାଛୁରୀଙ୍କୁ ନେଇ ବଣଭୋଜି ପାଇଁ ଯାଇଥିବାର ପୁରାଣ ବର୍ଣ୍ଣନା ଆଧାରରେ ଠାକୁରଙ୍କର ଏହି ବେଶ ଅନୁଷ୍ଠିତ ହୋଇଥାଏ। ମଧ୍ୟାହ୍ନ ଧୂପ ପରେ ଠାକୁରଙ୍କର ବେଶ ପ୍ରକ୍ରିୟା ଆରମ୍ଭ ହେବ ।

Desk

# ଜନଅଭିଯୋଗ ଶୁଣାଣି ଶିବିର

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ଭୁବନେଶ୍ୱର ୟୁନିଟ୍-୨ଠାରେ ହେବାକୁ ଥିବା ଅଭିଯୋଗ ଶୁଣାଣିକୁ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ସ୍ଥଗିତ ରଖାଯାଇଛି ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

Desk

# କଟକ ଐତିହାସିକ ବାଲିଯାତ୍ରା

କଟକ ଐତିହାସିକ ବାଲିଯାତ୍ରା-୨୦୨୬କୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଆକର୍ଷଣୀୟ ଭାବେ ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମତୀ ଗର୍ଗ ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟକୁ ବିଶ୍ୱସ୍ତରରେ ପହଁଞ୍ଚାଇବା ପାଇଁ ଅଧିକ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଶୃଙ୍ଖଳା, ସୁରକ୍ଷା ଓ ପରିବେଶକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବାଲିଯାତ୍ରାକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ ସବୁଜ ବାଲିଯାତ୍ରାଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦୁଇଟି ମଞ୍ଚ ପ୍ରସ୍ତୁତ କରାଯିବ। ଆଞ୍ଚଳିକ ବ୍ୟବସାୟ ଓ କାରିଗରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓରମାସ୍ ପକ୍ଷରୁ ୫୦୦ଟି ଷ୍ଟଲ ସ୍ଥାପନ କରାଯିବ। ଉଠା ଦୋକାନୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ଓ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଷ୍ଟଲଗୁଡ଼ିକୁ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ନଭେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ବାଲିଯାତ୍ରା ଡିସେମ୍ବର ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତଥର ଇଣ୍ଡୋନେସିଆ ଅଂଶୀଦାର ଦେଶଭାବେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

Bhadrak

# ବଳିଦାନ ଦିବସ

ଭଦ୍ରକ ସହିଦ ସ୍ମୃତି ଭବନ ଟାଉନହଲଠାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ସ୍ମୃତି ଉଦ୍ଦେଶ୍ୟରେ ଏକ ସଭା ଆୟୋଜିତ ହୋଇଯାଇଛି। ବିଶ୍ୱ ଶାନ୍ତି, ମୈତ୍ରୀ, ଏକତା, ଅଖଣ୍ଡତା ଏବଂ ଜାତୀୟ ସଂହତିକୁ ବଜାୟ ରଖିବା ଉପରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

Desk

# ବ୍ୟାଡମିଣ୍ଟନ

ଭୁବନେଶ୍ୱର ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମଠାରେ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହେବ। ପ୍ରତିଯୋଗିତାରେ ଓଡ଼ିଶା ସମେତ ୬ଟି ରାଜ୍ୟର ୨୨୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି। ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ଏକକ, ଯୁଗଳ ଓ ମିଶ୍ରିତ ବର୍ଗରେ ପ୍ରତିଯୋଗିତାମାନେ ଆୟୋଜିତ ହୋଇଛି।

Desk

# କନ୍‌ଷ୍ଟେବଲ ନିଯୁକ୍ତି ପ୍ରକ୍ରିୟା

ଓଡ଼ିଶା ପୋଲିସ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନସ୍ଥ କନଷ୍ଟେବଲ ସ୍ତରୀୟ ପଦବୀ ଓ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା ଓଡ଼ିଶା ୟୁନିଫର୍ମଡ ସେବା କର୍ମଚାରୀ ଚୟନ ଆୟୋଗ କହିଛି । ପୋଲିସ ସେବା ପରୀକ୍ଷା ୨୦୨୪ ସଂକ୍ରାନ୍ତ ପରୀକ୍ଷା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ଆୟୋଗ କହିଛନ୍ତି । ନିଯୁକ୍ତି ପ୍ରକ୍ରିୟା ସଂକ୍ରାନ୍ତ ବିସ୍ତୃତ ବିବରଣୀ ତଥା

ଅନ୍ୟାନ୍ୟ ନିୟମାବଳୀ ପ୍ରସଙ୍ଗରେ ଖୁବ୍‌ଶୀଘ୍ର ଆବଶ୍ୟକ ସୂଚନା ପ୍ରକାଶ କରାଯିବ ବୋଲି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

MET

## ପାଣିପାଗ

ରାଜ୍ୟରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଶେଷ ବର୍ଷାର ସମ୍ଭାବନା ନାହିଁ। ପରେ ମଙ୍ଗଳବାରଠାରୁ ତିନିଦିନ ପର୍ଯ୍ୟନ୍ତ ଉତ୍ତର–ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ସାମାନ୍ୟ ବର୍ଷା ହୋଇପାରେ। କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।